# Akashvani, Sambalpur

# SAMBALPURI NEWS MORNING BULLETIN

# 20 August 2026 - 6.47- 6.52 am.

---

କେନ୍ଦ୍ର କେବିନେଟ୍ ବୈଠକ                ଏନ୍ଏସ୍ଡି/ପି.ଆଇ.ବି

ରାଜ୍ୟର୍ ୩ ଟା ଜରୁରୀ ରେଲ୍ପ୍ରକଳ୍ପକେ ଗଲାକାଏଲ୍ କେନ୍ଦ୍ର ସର୍କାର୍ ଅନୁମୋଦନ୍ କରିଛନ୍ । ଖଡ଼ଗ୍ପୁର୍ ଭଦ୍ରକ୍ ଭିତ୍ରେ ୪ ନମ୍ବର୍ ଲାଇନ୍, ଭଦ୍ରକ୍-ହରିଦାସ୍ପୁର୍ ୪ ନମ୍ବର୍ ଲାଇନ୍, କଟକ୍-ପାରାଦ୍ୱୀପ୍ ୩ ଆର୍ ୪ ନମ୍ବର୍ ଲାଇନ୍କେ ଇଥି ଅନୁମୋଦନ୍ ମିଲିଛେ । ପାଖାପାଖି ୯ ହଜାର୍ ୪ ଶହ ୫୦ କୋଟି ଟଙ୍କା ଖର୍ଚ୍ଚାଥି ୪ ଟା ରେଲ୍ପ୍ରକଳ୍ପକେ ଗଲାକାଏଲ୍ କେନ୍ଦ୍ର କେବିନେଟ୍ର ଅନୁମୋଦନ୍ କରିଛେ । ଓଡ଼ିଶାର୍ ୩ ଟା ପ୍ରକଳ୍ପ ସହେତେ ଆନ୍ଧ୍ରପ୍ରଦେଶ୍- ତାମିଲ୍ନାଡୁର ଗୁଟେ ରେଲ୍ ପ୍ରକଳ୍ପ ସାମିଲ୍ ଅଛେ । ଇ ପ୍ରକଳ୍ପ କାମ୍ ୨୦୩୦ -୩୧ ମସିହାତକ୍ ଶେଷ୍ ହେବା ବଲି ରେଲ୍ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ସୂଚ୍ନା ଦେଇଛନ୍ । ଇ ତିନ୍ହି ପ୍ରକଳ୍ପ

ଲାଗି ରାଏଜେ ଖଣିଜ ପଦାର୍ଥ ପରିବହନ୍ ଆଉ ଆର୍ଥିକ୍ ଗତିବିଧି ତୁର୍‌ତି ହେବା ବଲି ମନ୍ତ୍ରୀ ଶ୍ରୀ ବୈଷ୍ଣବ୍ କହିଛନ୍ ।

ମୁଖ୍ୟମନ୍ତ୍ରୀ-ସମୀକ୍ଷା ଆଇ ଆଣ୍ଡ୍ ପି.ଆର୍

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କଟକ୍ ଏସ୍‌ସିବି ମେଡ଼ିକାଲ୍ କଲେଜ୍ ଆଉ ହସ୍ପିଟାଲ୍‌ର ଉନ୍ନତିକରଣ୍ ଆଉ ଭିତିଭୂମିର୍ ବିକାଶ୍ ସହେତେ ଇତାକେ ବିଶ୍ୱସ୍ତରୀୟ ସ୍ୱାସ୍ଥ୍ୟସେବାଥି ବଦ୍‌ଲାବାର୍ ଲାଗି ଚାଲ୍ଥିବା ମେଗା ପୁନଃ ବିକାଶ୍ ପ୍ରକଳ୍ପ ନିର୍ମାଣ୍ ବାବ୍‌ଦେ ଲୋକ୍‌ସେବା ଭବନ୍ ନ ଗୁଟେ ଉଚ୍ଚସ୍ତରୀୟ ବୈଠକ୍‌ଥି ସମୀକ୍ଷା କରିଛନ୍ । ମେଡ଼ିକାଲ୍ ପରିସର୍ ନ ୪ ଟା ନୂଆଁ କ୍ଲିନିକାଲ୍ ଆଉ ଗୁଟେ ଆବାସିକ୍ ବ୍ଲକ୍‌ର ତିଆର୍ କାମ୍ ଜୋର୍‌ସୋର୍‌ଥି ଚାଲିଛେ ବଲି ବୈଠକ୍‌ନୁ ସୂଚ୍‌ନା ମିଲିଛେ । ଇତାର୍‌ସହେତେ ଆଉ ଗୁଟେ ମେଡ଼ିକାଲ୍ ବ୍ଲକ୍ ଭିଲ୍ ତିଆର୍ କର୍‌ବାର୍‌କେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ପହେଲା ଖେପେ ତିଆର୍ ହଉଥିବା ବହୁତଲ କାର୍ ପାର୍କିଂ ଆଉ ତାଳଦଣ୍ଡା କେନାଲ୍‌କେ ଲାଗିକରି ଥିବା ଟ୍ରାଫିକ୍ କରିଡ଼ର୍ କାମ୍‌କେ ଧାରିଜ୍ ସମିଆ ଭିତ୍‌ରେ ଶେଷ୍ କର୍‌ବାର୍‌କେ

ବିଭାଗୀୟ ଅଧିକାରୀମାନ୍‌କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ସେନ୍ତା ରାଉର୍‌କେଲା ହନୁମାନ୍ ବାଟିକାର୍ ପୁର୍ନବିକାଶ୍ କାମ୍‌କେ ପୁରାପୁରି ଆଧାତ୍ମିକ୍ ଶୈଲୀଥି କର୍‌ବାର୍‌କେ ଓଡ଼ିଶା ସେତୁ ଆଉ ନିର୍ମାଣ ନିଗମ୍- ଓବିସିସି କେ ନିର୍ଦ୍ଦେଶ୍ ଦିଆଯାଇଛେ । ବୈଠକ୍‌ଥି ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ୍ ହରିଚନ୍ଦନ୍ ଆଉ ମୁଖ୍ୟ ଶାସନ୍ ଅନୁ ଗର୍ଗଙ୍କର୍ ସହେତେ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ଆମ ସାଥୀ ହ୍ୱାଟ୍‌ସ୍‌ଆପ୍ ଚାଟ୍‌ବଟ୍ ଆଇ ଆଣ୍ଡ୍ ପି.ଆର୍

ସ୍ୱଚ୍ଛ ଆଉ ଉତର୍‌ଦାୟୀ ରାଜସ୍ୱ ପ୍ରଶାସନ୍ ଲାଗି ରାଜସ୍ୱ ମନ୍ତ୍ରୀ ସୁରେଶ୍ ପୂଜାରୀ ଆମ ସାଥୀ ହ୍ୱାଟ୍‌ସ୍‌ଆପ୍ ଚାଟ୍‌ବଟ୍ ଜରିଏ ରାଜସ୍ୱ ଅଭିଯୋଗ୍ ସମାଧାନ୍ ବ୍ୟବସ୍ଥାର୍ ଶୁଭାରମ୍ଭ କରିଛନ୍ । ଏତ୍‌କର ସାଧାରଣ୍ ଲୁକେ ୯୪୩୭୨-୯୨୦୦୦ ହ୍ୱାଟ୍‌ସ୍‌ଆପ୍ ନମ୍ବର୍‌ଥି ଜମି ଜମା ମ୍ୟୁଟେସନ୍, ଆର୍‌ଓଆର୍ ସଂଶୋଧନ୍, ଜବର୍‌ଦଖଲ୍, ଡିମାର୍‌କ୍ରେସନ୍, ବିପର୍ଯ୍ୟୟ ରିଲିଫ୍ ସହେତେ ସବୁ ରାଜସ୍ୱ ବାବଦ୍ ଅଭିଯୋଗ୍ ଡିଜିଟାଲ୍ ଜରିଏ ଦାଖଲ୍ କରିପାର୍‌ବେ । ଅଭିଯୋଗ୍

ଗ୍ରହଣ, ଯାଂଚ, ଅଗ୍ରଗତି ଆଉ ସମାଧାନ୍‌ର ସବୁ ଖେପ୍‌ର ସୂଚ୍‌ନା ହ୍ୱାଟସ୍‌ଆପ୍ ଜରିଏ ତୁର୍‌ତି ମିଲିପାର୍‌ବା ।

ମୁଖ୍ୟଶାସନ୍ ସଚିବ-ପର୍ଯ୍ୟଟନ୍      ଆଇ ଆଣ୍ଡ୍ ପି.ଆର୍

ପ୍ରକୃତି, ସଂସ୍କୃତି ଆଉ ସାହସିକ୍ ପର୍ଯ୍ୟଟନ୍‌ର ତାଲ୍‌ମେଲ୍‌ଥି ହୀରାକୁଦ୍‌କେ ଗୁଟେ ସ୍ଥାୟୀ ଆଉ ବିଶ୍ୱସ୍ତରୀୟ ପର୍ଯ୍ୟଟନ୍ ଗନ୍ତବ୍ୟସ୍ଥଲୀ ବନାବାର୍ ଲକ୍ଷ୍ୟଥି ରାଜ୍ୟ ସର୍‌କାର୍ ଭିନ୍ ଭିନ୍ ପର୍ଯ୍ୟଟନ୍ ଭିତିଭୂମି ଉପ୍‌ରେ ଜୋର୍ ଦଉଛନ୍ । ହୀରାକୁଦ୍‌ର ସମନ୍ୱିତ ବିକାଶ୍ ଯୋଜ୍‌ନାଥି ପର୍ଯ୍ୟଟନ୍, ଯୋଗାଯୋଗ୍, ଐତିହ୍ୟ, ପରିବେଶ୍, ଜଲ ପର୍ଯ୍ୟଟନ୍ ଆଉ ସ୍ଥାନୀୟ ଜୀବିକାକେ ଏକ୍‌ଠାନିଆ କରାଯାଇଛେ । ଇଥିର୍‌ଲାଗି ମୁଖ୍ୟଶାସନ୍ ସଚିବ ଅନୁ ଗର୍ଗ ଗଲାକାଏଲ୍ ଲୋକ୍‌ସେବା ଭବନ୍ ନ ହୀରାକୁଦ୍ ଅଂଚଲ୍‌ର ସମନ୍ୱିତ୍ ପର୍ଯ୍ୟଟନ୍ ଭିତିଭୂମି ବିକାଶ୍ କାମ୍‌ର ଅଗ୍ରଗତି ବାବ୍‌ଦେ ସମୀକ୍ଷା କରିଛନ୍ । ଇଥି ହୀରାକୁଦ୍ ଡେମ୍ ମ୍ୟୁଜିୟମ୍, ଆରାଇଭାଲ୍ ପ୍ଲାଜା, ଲାଇଟ୍ ଆଉ ଲେଜର୍ ସିମ୍ଫୋନୀ, ରୋପ୍‌ୱେ, କ୍ରୁଜ୍ ଟର୍ମିନାଲ୍, ଫ୍ଲୋଟେଲ୍ ବାଗିର୍ ଭିନ୍ ଭିନ୍ ପ୍ରକଳ୍ପ ଇ ଯୋଜ୍‌ନାର୍ ମୁଖ୍ୟ ଅଂଶ

ରହିଛେ । ହୀରାକୁଦ୍ ଡେମ୍ ମ୍ୟୁଜିୟମ୍, ଆରାଇଭାଲ୍ ପ୍ଲାଜା ତିଆରିକାମ୍ ଇହାଦେ ଚାଲୁଛେ । ଇତାର୍‌ସହେତେ ସମଲେଇମନ୍ଦିର୍ ବିକାଶ୍ ୨ ନମ୍ବର୍ ଖେପ୍, ହୁମା ମନ୍ଦିର୍, ଘଂଟେଶ୍ୱରୀ ମନ୍ଦିର୍, ପାୱାର୍‌ଚେନାଲ୍ ବାଗିର୍ ପ୍ରକଳ୍ପର୍ କାର୍ଯ୍ୟକାରିତାର୍ ଅଗ୍ରଗତି ବାବ୍‌ଦେ ଭିଲ୍ ସମୀକ୍ଷା କରାଯାଇଥିଲା ।

ମୁଖ୍ୟଶାସନ୍ ସଚିବ-ସମୀକ୍ଷା ଆଇ ଆଣ୍ଡ୍ ପି.ଆର୍

ମୁଖ୍ୟଶାସନ୍ ସଚିବ ଅନୁ ଗର୍ଗଙ୍କର୍ ଅଧ୍ୟକ୍ଷତାଥି ବ୍ୟବସାୟିକ୍ ସଂସ୍କାର୍ କାର୍ଯ୍ୟଯୋଜ୍‌ନା -୨୦୨୬ ଆଉ ଜିଲ୍ଲା ବ୍ୟବସାୟିକ୍ ସଂସ୍ଥାର୍ କାର୍ଯ୍ୟଯୋଜ୍‌ନା -୨୦୨୫-୨୬ ଅଧୀନ୍‌ଥି ସଂସ୍କାର୍ ମାନ୍‌କର୍ କାର୍ଯ୍ୟାନ୍ୱୟନ୍ ସ୍ଥିତି ବାବଦ୍ ଗୁଟେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ୍ ହେଇଯାଇଛେ । ଧାରିଜ୍ ମାନଦଣ୍ଡ ପାଲନ୍ ଲାଗି ଜରୁରୀ ସୂଚନା, ପ୍ରଯୁକ୍ତିଭିତିକ୍ ପଦକ୍ଷେପ୍ ମାନ୍‌କୁ ତୁର୍‌ତି କର୍‌ବାର୍ ଉପ୍‌ରେ ବୈଠକ୍‌ଥି ଜୋର୍ ଦିଆଯାଇଛେ । ରାଜ୍ୟ ସର୍‌କାର୍‌ଙ୍କର୍ ୨୧ ଟା ବିଭାଗ୍‌ର ବରିଷ୍ଠ ଅଧିକାରୀ ସମ୍ପୃକ୍ତ ବିଭାଗ୍ ମାନ୍‌କର୍ ସୂଚନା ପ୍ରଯୁକ୍ତି ବ୍ୟବସ୍ଥା, ସମନ୍ୱୟକାରୀ ସଂସ୍ଥା, ଓକାକ୍‌ର ପ୍ରତିନିଧି ଆଉ

ଜାତୀୟ ସୂଚନା ବିଜ୍ଞାନ୍ କେନ୍ଦ୍ରର୍ ବରିଷ୍ଠ ଅଧିକାରୀମାନେ ବୈଠକ୍‌ଥି ଯୋଗ୍ ଦେଇଥିଲେ ।

‘ଝଲ୍‌କି’ -ଫଟୋ ପ୍ରଦର୍ଶନୀ          ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଶ୍ୱ ଫଟୋଗ୍ରାଫି ଦିବସ୍ ଅବ୍‌ସରେ ସମ୍ବଲ୍‌ପୁର୍ ନ ଥିବା ଆର୍ଟ ଗେଲେରି ନ ‘ଝଲ୍‌କି’ ଶୀର୍ଷକ୍ ଗୁଟେ ଖାସ୍ ଫଟୋ ପ୍ରଦର୍ଶନୀ ମୁଲ୍ ହେଇଛେ । ଇ ଅବ୍‌ସରେ ଜିଲ୍ଲାପାଲ୍ ସିଦ୍ଧେଶ୍ୱର ବଳିରାମ୍ ବୋନ୍ଦର୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ପ୍ରଦର୍ଶନୀକେ ଉଦ୍‌ଘାଟନ୍ କରିଥିଲେ । ୨ ଦିନିଆ ପ୍ରଦର୍ଶନୀଥି ଓଡ଼ିଶାର୍ ୪୪ ଝନ୍ ଫଟୋଗ୍ରାଫର୍ ଉଠେଇଥିବା ଶହେ ୪୭ ଟା ଫଟୋ ଚିତ୍ର ଠାନ୍ ପାଇଛେ । ଇ ଅବ୍‌ସରେ ଜିଲ୍ଲାପାଲ୍ ଆଏବା ଦିନେ ଅଂଚଲ୍‌ର ସଂସ୍କୃତି, ଏତିହ୍ୟ ଆଉ ପର୍ଯ୍ୟଟନ୍‌ର ସମ୍ଭାବନାକେ ନେଇକରି ଗୁଟେ ‘କଫି ଟେବୁଲ୍ ପୁସ୍ତକ୍’ ବାହାର୍ କର୍‌ବାର୍ ଲାଗି ପରାମର୍ଶ ଦେଇଥିଲେ ।

ବିଶ୍ୱ ମଶା ଦିବସ୍          ଆର୍‌ଏନ୍‌ୟୁ/ କଟକ

ଆଏଜ୍ ହେଉଛେ ବିଶ୍ୱ ମଶା ଦିବସ୍ । ବ୍ରିଟିଶ୍ ଡାକ୍ତର୍ ସାର୍ ରୋନାଲ୍ଡରସ୍ ୧୮୯୭ ମସିହାଥି ଆଝିର୍ ଦିନେ ତାଙ୍କର୍ ଆବିଷ୍କାର୍ ଜରିଏ ପୁର୍ଥିବାସୀକେ ଜନେଇଥିଲେ ଯେ, ମାଇ ଏନୋଫିଲିସ୍ ମଶା ଚାବ୍‌ଲେ ମେଲେରିଆ ଜର୍ ହେସି । ସାର୍ ରୋନାଲ୍ଡରସ୍ ଅବଦାନ୍‌କେ ମନେ ପକାବାର୍ ଲାଗି ଫି' ବଛର୍ ଆଝିରର୍ ଦିନ୍‌କେ ବିଶ୍ୱ ମଶା ଦିବସ୍ ପାଲନ୍ କରାଯାଉଛେ ।

ବନ୍ୟା-ପାଣିପାଗ ଆର୍‌ଏନ୍‌ୟୁ/ କଟକ୍

ଉତର୍ ଝାର୍‌ଖଣ୍ଡ୍ ଆଉ ତାକେ ଲାଗି କରିଥିବା ଉତରଗାଙ୍ଗେୟ ପଶ୍ଚିମବଙ୍ଗ୍ ଉପତ୍ୟକା ଇଲାକା ନ ହେଇଥିବା ଅବପାତ୍ ପଶ୍ଚିମ-ଉତର୍-ପଶ୍ଚିମ ଦିଗ୍‌କେ ଯାଉଛେ । ଇତାର୍ ପ୍ରଭାବ୍‌ଥି ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୨୪ ଘଂଟା ଭିତ୍‌ରେ ରାଜ୍ୟର୍ ପାଖାପାଖି ସବୁ ଜିଲ୍ଲା ନ ହାଲ୍‌କାନୁ ମଧମ୍ ଧରଣ୍‌ର ବର୍ଷା ହେବାର୍ ସମ୍ଭାବନା ଅଛେ ।